# NATIONAL NEWS BULLETIN (ODIA)

**18 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାର ମୋତିହାରୀରେ ୭ ହଜାର ୨୦୦ କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

– ଆଜି ପଶ୍ଚିମବଙ୍ଗ ସ୍ତରେ ଯିବେ ପ୍ରଧାମନ୍ତ୍ରୀ ମୋଦୀ

- ସୃଜନାତ୍ମକ ଶିଳ୍ପର ଅଭିବୃଦ୍ଧି ଉଦ୍ଦେଶ୍ୟରେ ମୁମ୍ବାଇରେ ଉଦ୍‌ଘାଟନ ହେଲା ଭାରତୀୟ ସୃଜନାତ୍ମକ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ

- ପଶ୍ଚିମବଙ୍ଗରେ ଟ୍ରେନ୍ ସହ ଧକ୍କା ହେବା ଫଳରେ ୩ଟି ହାତୀ ସହ ୨ଟି ହାତୀଛୁଆ ମୃତ

ଏବଂ

- ହଙ୍ଗେରୀର ବୁଦାପେଷ୍ଟରେ ଅନୁଷ୍ଠିତ କୁସ୍ତି ପ୍ରତିଯୋଗିତାରେ ଭାରତର ସ୍ୱର୍ଣ୍ଣପଦକ ହାସଲ

## ପିଏମ୍ ଭିଜିଟ୍ ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାର ଏବଂ ପଶ୍ଚିମବଙ୍ଗ ଗସ୍ତରେ ଯାଇ ବିହାରର ମୋତିହାରୀଠାରେ ୭ ହଜାର ୨୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବହୁବିଧ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ମଧ୍ୟରେ ରେଳ, ସଡ଼କ, ଗ୍ରାମୀଣବିକାଶ, ମତ୍ସ୍ୟ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଆଦି ପ୍ରକଳ୍ପମାନ ରହିଛି ।

ପରେ ପ୍ରଧାନମନ୍ତ୍ରୀ  ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜେନ୍ଦ୍ର ନଗର, ଦରଭଙ୍ଗା, ଭାଗଲପୁର ଏବଂ ମୋତିହାରି ରେଳଷ୍ଟେସନଠାରୁ ୪ଟି ନୂତନ ଅମ୍ରିତଭାରତ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍‌ଗୁଡ଼ିକ ଚଳାଚଳ ହେବା ଫଳରେ ବିହାରର ବିଭିନ୍ନ ସହରରୁ ଅନ୍ୟାନ୍ୟ ଅଞ୍ଚଳକୁ ଲୋକମାନଙ୍କର ଯାତାୟାତରେ ସୁବିଧା ହୋଇପାରିଛି ।

**V/O( PM- Project)**

ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଗରିବ କଲ୍ୟାଣ ଯୋଜନା ଗୁଡ଼ିକ ଯେଭଳି ସଫଳ ଭାବେ ସମସ୍ତଙ୍କ ପାଖରେ ପହଞ୍ଚିପାରିବ, ସେ ନେଇ ସରକାର ଉଦ୍ୟମ ଜାରି ରଖିଛନ୍ତି । ସେ କହିଛନ୍ତି ଜନ୍ ଧନ୍ ଯୋଜନା କାର୍ଯ୍ୟକାରୀ ହେବା ପରେ ଦେଶର ଗରିବ ଲୋକମାନଙ୍କ ଅର୍ଥନୈତିକ ବିକାଶକୁ ଏକ ନୂଆ ଗତି ମିଳିପାରିଛି ।

**V/O( PM- Jandhan)**

ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳା ସଶକ୍ତିକରଣ କ୍ଷେତ୍ରରେ ଦେଶ ଯେଉଁ ଉପଲବ୍ଧି ହାସଲ କରୁଛି, ସେ କ୍ଷେତ୍ରରେ ବିହାରର ମହିଳାମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଶ୍ରୀ ମୋଦୀ କହିଛନ୍ତି, ଏନ୍‌ଡିଏ ସରକାରଙ୍କ ମହିଳା କଲ୍ୟାଣ ଯୋଜନାଗୁଡ଼ିକ ଦେଶର ବିକାଶ ସହ ମହିଳାମାନଙ୍କୁ ଅର୍ଥନୈତିକ ଭାବେ ସଶକ୍ତ କରୁଛି  । **V/O( PM- Woman)**

ଆଜି ମଧ୍ୟ ପ୍ରଧାନମନ୍ତ୍ରୀ ବିହାରରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଦୀନଦୟାଲ ଅନ୍ତୋଦୟ ଯୋଜନାରେ ପ୍ରାୟ ୬୧ ହଜାର ୫ ଶହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସେ ୪ ଶହ କୋଟି ଟଙ୍କା ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି  । ଏହାଛଡ଼ା ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ

ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୪୦ ହଜାର ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୧୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିବେ । ସେହିଭଳି ୧୨ ହଜାର ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇବାର କାର୍ଯ୍ୟସୂଚୀ ରହିଛି ।

ଆଜିର କାର୍ଯ୍ୟକ୍ରମରେ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍, ମୁଖ୍ୟମନ୍ତ୍ରୀ ନୀତିଶ କୁମାର, କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ରାଜୀବ ରଂଜନ ସିଂ, ଚିରାଗ ପାଶ୍ୱାନ, ନିତ୍ୟାନନ୍ଦ ରାୟ, ସତୀଶ ଚନ୍ଦ୍ର ଦୁବେ, ରାମନାଥ ଠାକୁର, ରାଜଭୂଷଣ ଚୌଧୁରୀ ନିଶାଦ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ବିଜୟ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମଧ୍ୟ ରାଜ୍ୟ ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ, ସାଂସଦ ଓ ବିଧାୟକମାନେ ଯୋଗ ଦେଇଥିଲେ ।

## ଡବ୍ଲୁବି- ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗ ଗସ୍ତ କରିବେ । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ତୈଳ ଏବଂ ଗ୍ୟାସ୍, ଶକ୍ତି, ସଡ଼କ ଏବଂ ରେଳ କ୍ଷେତ୍ରରେ ୫ହଜାର କୋଟି ଟଙ୍କାର ବହୁବିଧ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ।

ଏହାଛଡ଼ା ସେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ପଶ୍ଚିମ ବର୍ଦ୍ଧମାନସ୍ଥିତ ତୋପ୍‌ସି ଏବଂ ପାଣ୍ଡବେଶ୍ୱରଠାରେ ‘ସେତୁ ଭାରତମ୍’ କାର୍ଯ୍ୟକ୍ରମ ଅଧୀନରେ ୩୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨ଟି ଓଭରବ୍ରିଜ୍‌ର ଲୋକାର୍ପଣ କରିବେ ।

ଏହି ଓଭର୍‌ବ୍ରିଜ୍‌ଗୁଡ଼ିକ ସଡ଼କ ଯୋଗାଯୋଗକୁ ସୁଗମ କରିବା ସହ ରେଳ ଲେବୁଲ୍ କ୍ରସିଂରେ ଦୁର୍ଘଟଣା ରୋକିବାରେ ସହାୟକ ହେବ ।

ଏହାଛଡ଼ା ପ୍ରଧାନମନ୍ତ୍ରୀ ପୁରୁଲିଆ-କୋଟାସିଲା ରେଳ ଲାଇନ୍‌ର ଦୋହରିକରଣ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ୩୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ଜାମ୍‌ସେଦପୁର, ବୋକାରୋ, ଧାନବାଦ୍, ରାଞ୍ଚି ଓ କୋଲକାତା ମଧ୍ୟରେ ରେଳ ସଂଯୋଗୀକରଣକୁ ଅଧିକ ସଶକ୍ତ କରାଯାଇପାରିବ ।

---

## ଆଇଆଇସିଟି-କ୍ୟାମ୍ପସ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ମିଳିତ ଭାବେ ମୁମ୍ବାଇସ୍ଥିତ ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ପରିସରରେ ଭାରତୀୟ ସୃଜନାତ୍ମକ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ-ଆଇଆଇସିଟିର ପ୍ରଥମ କ୍ୟାମ୍ପସକୁ ଉଦ୍‌ଘାଟନ କରିଛନ୍ତି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ' କେନ୍ଦ୍ର ସରକାରଙ୍କ ଯୁବପିଢ଼ିକୁ ସୃଜନାତ୍ମକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଦିଗରେ ସଶକ୍ତ କରାଇବା କ୍ଷେତ୍ରରେ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ଦେଶରେ ସୃଜନାତ୍ମକ ଶିଳ୍ପରେ ଅଭିବୃଦ୍ଧି ସହ ଯୁବପିଢ଼ି ଲାଗି ନୂତନ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଏହି କ୍ୟାମ୍ପସ ସ୍ଥାପନ କରାଯାଇଛି । ଏହାର ବିକାଶ ଲାଗି ସରକାର ପ୍ରାଥମିକ ପର୍ଯ୍ୟାୟରେ ୪୦୦ କୋଟି ଟଙ୍କା ଯୋଗାଇ ଦେଇଛନ୍ତି ।

ସୂଚନା ଅନୁଯାୟୀ, ଏହି ପ୍ରତିଷ୍ଠାନରେ ସୃଜନାତ୍ମକ ଶିଳ୍ପର ବିଭିନ୍ନ ଶାଖାକୁ ଅନ୍ତର୍ଭୁକ୍ତ କରି ୧୭ଟି ସ୍ୱତନ୍ତ୍ର ପାଠ୍ୟକ୍ରମ ରଖାଯାଇଛି । ଉନ୍ନତମାନର ଶିକ୍ଷାଦାନ ଲାଗି ଗୁଗୁଲ୍, ମେଟା ଏବଂ ଆଡୋବି ଭଳି ସଂସ୍ଥା ସହ ଚୁକ୍ତିବଦ୍ଧ ହୋଇଥିବା ସେ କହିଛନ୍ତି ।

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି' ମୁମ୍ବାଇ' ଭାରତର ମନୋରଂଜନ ରାଜଧାନୀ ଭାବେ ଆଉ ଏକ ପରିଚିତି ହାସଲ କରିଛି । ଏହି ପ୍ରତିଷ୍ଠାନ ସୃଜନାତ୍ମକ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ସେ କହିଛନ୍ତି । ମହାରାଷ୍ଟ୍ର ସରକାର ଆଗାମୀ ୱେ୍ୱ‌ବ୍‌ସ ସମ୍ମିଳନୀ ପାଇଁ ୧୫୦ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇଦେବ ବୋଲି ସେ କହିଛନ୍ତି ।

---

## ଡବ୍ଲୁବି-ଏଲିଫ୍ୟାଣ୍ଟ

ପଶ୍ଚିମବଙ୍ଗର ଝାରଗ୍ରାମ ଜିଲ୍ଲାର ବାଁସ୍ତଲା ରେଳଷ୍ଟେସନ ନିକଟରେ ଜନଶତାବ୍ଦୀ ଏକ୍ସପ୍ରେସ୍ ଟ୍ରେନ୍ ସହ ଏକ ହାତୀପଲ ଧକ୍କା ହେବା ଫଳରେ ୩ଟି ହାତୀ ସହ ୨ଟି ହାତୀଛୁଆଙ୍କର ମୃତ୍ୟୁ ହୋଇଛି । ସେହି ସ୍ଥାନରେ ଆଜି ଭୋର୍ ୩ଟା ବେଳେ ୧୦ଜଟିଆ ହାତୀପଲ ରେଳ ଲାଇନ୍ ପାର ହେଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ତେବେ  ବନଖଣ୍ଡ ଅଧିକାରୀ କହିଛନ୍ତି ସ୍ଥାନୀୟ ରେଞ୍ଜ ଅଧିକାରୀ ସେହି ରେଳଷ୍ଟେସନର କର୍ମଚାରୀମାନଙ୍କୁ ନିକଟସ୍ଥ ଅଞ୍ଚଳରେ ହାତୀପଲ ବୁଲୁଥିବାର ପୂର୍ବରୁ ସୂଚନା ପ୍ରଦାନ କରିଥିଲେ ।

---

## ପଞ୍ଜାବ-ବିଏସ୍‌ଏଫ୍

ପଞ୍ଜାବରେ ପାକିସ୍ତାନ ପ୍ରାୟୋଜିତ ଡ୍ରୋନ୍ ମାଧ୍ୟମରେ ନିଶା ଚୋରା କାରବାର ଗତ କିଛିଦିନ ହେବ ବୃଦ୍ଧି ପାଇଛି ।  ବିଏସ୍‌ଏଫ୍ ସୂତ୍ରରୁ ଖବର ସଂଗ୍ରହ କରି ଆମ

ଜଲନ୍ଧର ସମ୍ବାଦଦାତା ସୂଚନା ଦେଇଛନ୍ତି, ବିଏସ୍ଏଫ୍ ନିଶା କାରବାରରେ ଜଡ଼ିତ ୬ଟି ଡ୍ରୋନ୍‌କୁ ନିଷ୍କ୍ରିୟ କରିବା ସହ ସେଥିମଧ୍ୟରୁ ୧୦ କିଲୋଗ୍ରାମର ହେରୋଇନ ଅମ୍ରିତ୍‌ସର ଏବଂ ଫିରୋଜପୁର ଅଞ୍ଚଳରୁ ଗତ ଦୁଇଦିନ ମଧ୍ୟରେ ଜବତ କରିଛି। ପଞ୍ଜାବ ସୀମାନ୍ତରେ ନିୟୋଜିତ ବିଏସ୍ଏଫ୍‌ର ବୈଷୟିକ ଦଳ ପାକିସ୍ତାନ ପଟୁ କରାଯାଉଥିବା ଏହି ନିଶା କାରବାରକୁ ଗତ ରାତିରେ ଏବଂ ଆଜି ପ୍ରତ୍ୟୁଷରେ ପର୍ଦ୍ଦାଫାସ କରିବାରେ ସଫଳ ହୋଇଛି । ଆଜି ମଧ୍ୟ ସେହି ଅଞ୍ଚଳରୁ ୨ କିଲୋଗ୍ରାମର ହେରୋଇନ୍ ଜବତ କରାଯାଇଛି । ଗତକାଲି ଫିରୋଜପୁର ସୀମାନ୍ତ ଅଞ୍ଚଳରୁ ୩ ଜଣ ବିଏସ୍ଏଫ୍ ଯବାନ ୮ କିଲୋଗ୍ରାମ ଓଜନର ୧୫ ପ୍ୟାକେଟ୍ ହେରୋଇନ୍ ଜବତ କରିଥିବା ଜଣାପଡ଼ିଛି ।

## ଇଣ୍ଡିଆ-ଇରାକ ଫାୟାର

ଇରାକର ଅଲ୍‌କୁତ୍ ସହରରେ ଗତ ବୁଧବାର ଦିନ ଘଟିଥିବା ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ତଥା ଆହତ ହୋଇଥିବା ଲୋକମାନଙ୍କ ଉଦ୍ଦେଶ୍ୟରେ ଭାରତ ଗଭୀର ଦୁଃଖ ପ୍ରକାଶ କରିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ’ ଇରାକ ଲୋକମାନଙ୍କ ସହ ଦୃଢ଼ ଭାବେ ଛିଡ଼ା ହୋଇଛି ।

## ୟୁଏଇ-ଡବ୍ଲୁଏଚ୍ଓ

ସଂଯୁକ୍ତ ଆରବ ଏମିରେଟ୍‌ସ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଉଦ୍ୟମରେ ୟେମେନ୍‌ର ସୋକଟ୍ରା ଦ୍ୱିପପୁଞ୍ଜରେ ୟେମେନ୍ ଜନସ୍ୱାସ୍ଥ୍ୟ ଜନସଂଖ୍ୟା ମନ୍ତ୍ରଣାଳୟର ସଂଯୋଜନାରେ ପ୍ରଥମ ପର୍ଯ୍ୟାୟ ସ୍ୱାସ୍ଥ୍ୟ ନିର୍ଦ୍ଧାରଣ ସଫଳତାର ସହ ଶେଷ ହୋଇଛି । ଦୀର୍ଘ ଏକବର୍ଷ ଧରି ଚାଲିଥିବା ଏହି ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବହୁବିଧ ସ୍ୱାସ୍ଥ୍ୟଗତ ଅଭିଯାନ ସ୍ୱରୂପ ଆସନ୍ତା ୧ବର୍ଷ ଧରି

ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ସେହି ଅଞ୍ଚଳର ସ୍ୱାସ୍ଥ୍ୟାବସ୍ଥାକୁ ଏହି ବିଶେଷଜ୍ଞ ଦଳ ଅନୁଧ୍ୟାନ କରିବାକୁ ଥିବା ସହ ମୃତ୍ୟୁହାର ହ୍ରାସ କରିବା ପାଇଁ ପଦକ୍ଷେପ ନେବେ । ଆସନ୍ତା ୨ରୁ ୫ ବର୍ଷ ମଧ୍ୟରେ ସମନ୍ୱିତ ସ୍ୱାସ୍ଥ୍ୟ ଯୋଜନା ଅଧୀନରେ ସେହି ଅଞ୍ଚଳରେ କୁପୋଷଣ ହାର ୨୦ ପ୍ରତିଶତକୁ କମାଇବା ପାଇଁ ଏହି ଦଳ କାର୍ଯ୍ୟ କରିବ । ଆଇସ୍‌ଲ୍ୟାଣ୍ଡ୍‌ର ସକଟ୍ରା ଦ୍ୱିପପୁଞ୍ଜରେ ଥିବା ୨୯ଟି ଉପଜିଲ୍ଲାର ୩୮ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଜାରି ରହିବ । ତେବେ ପ୍ରାଥମିକ ଫଳାଫଳରୁ ଜଣାପଡ଼ିଛି ୯୩ ପ୍ରତିଶତ ଅଞ୍ଚଳରେ ୪ ହଜାର ୨୧୪ଟି ଘରେ ଏହି ସର୍ଭେ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ଏହି ଦଳ ୯୩୦ ଜଣ ହିତାଧିକାରୀଙ୍କ ସହ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଛନ୍ତି ।

## ରେସ୍‌ଲିଂ-ସୁଜିତ୍ ଗୋଲ୍ଡ

ହଙ୍ଗେରୀର ବୁଦାପେଷ୍ଟ୍ ରେ ଅନୁଷ୍ଠିତ ପର୍ଲୟାକ୍ ଇମ୍ରେ ଏବଂ ଭାର୍ଗା ଜାନୋସ୍ ମେମୋରିଆଲ୍ ୨୦୨୫ କୁସ୍ତି ପ୍ରତିଯୋଗିତାରେ ଭାରତୀୟ ମଲ୍ଲଯୋଦ୍ଧା ସୁଜିତ୍ କାଲ୍‌କାଲ୍ ୬୫ କିଲୋଗ୍ରାମ୍ ପୁରୁଷ ଫ୍ରି ଷ୍ଟାଇଲ୍ ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଫାଇନାଲ୍‌ରେ ସୁଜିତ୍ ୫-୧ ସ୍କୋର୍‌ରେ ୟୁରୋପୀୟ ମଲ୍ଲଯୋଦ୍ଧାଙ୍କୁ ପରାସ୍ତ କରିଛନ୍ତି । ଚଳିତବର୍ଷ କୌଣସି ର୍‍ୟାଙ୍କିଙ୍ଗ୍ ସିରିଜ୍ ଇଭେଣ୍ଟ୍‌ରେ କୁସ୍ତିରେ ଭାରତର ଏହା ପ୍ରଥମ ସ୍ୱର୍ଣ୍ଣପଦକ । ପୂର୍ବରୁ ଓମାନ୍ ଏବଂ ମଙ୍ଗୋଲିଆରେ ହୋଇଥିବା ପ୍ରତିଯୋଗିତାରେ କୌଣସି ପଦକ ହାସଲ କରିପାରି ନଥିଲେ ।

ଭାରତ ୫୭ କିଲୋଗ୍ରାମ୍ ପୁରୁଷ ଫ୍ରିଷ୍ଟାଇଲ୍ ବର୍ଗରେ କାଂସ୍ୟପଦକ ହାସଲ କରିଛନ୍ତି । ଭାରତୀୟ ମଲ୍ଲଯୋଦ୍ଧା ରାହୁଲ’ ଜର୍ମାନ୍‌ର ନିକଲାସ୍ ଷ୍ଟେଚ୍‌ଲେଙ୍କୁ ୪-୦ରେ ପରାସ୍ତ କରିଥିବା ବେଳେ ସେ କ୍ୱାର୍ଟର ଫାଇନାଲ୍‌ରେ ଦକ୍ଷିଣକୋରିଆର କିମ୍ ସୁଙ୍ଗ୍ ଗ୍ୱାନ୍ ଙ୍କୁ ୫-୩ରେ ପରାସ୍ତ କରିଥିଲେ ।